ପାଠ 7
पाठ

ଭଡ଼ାଘର ଖୋଜୁଥିଲି
भड़ाघर खोजुथिलि

ତାରକ :ଆପଣ କାଲି ଗୋପବନ୍ଧୁ ଚୁକ ଆଡ଼େ ଯାଉଥିଲେ କି?

ଅଜିତ : ହଁ, ଯାଉଥିଲି।

ତାରକ : କ'ଣ ବୁଲିବାକୁ ଯାଉଥିଲେ ?

ଅଜିତ୍ : ନାଇଁ, ମୁଁ ବୁଲିବାକୁ ଯାଉନଥିଲି।

ତାରକ : ତେବେ କ'ଣ କିଛି କାମ ଥିଲା?

ଅଜିତ୍ : ହଁ, ଘରଟିଏ ଖୋଜୁଥିଲି। ମୋର ଗଲା ମାସରେ ଭୁବନେଶ୍ୱରକୁ ବଦଳି ହୋଇଗଲା। ଏବେ ତ ତିନି ବର୍ଷ ଖଣ୍ଡେ ଅତି କମ୍‌ରେ ରହିବାକୁ ପଡ଼ିବ । ଭଡ଼ା ଘରଟିଏ ଖୋଜିବା ନିହାତି ଦରକାର।

ତାରକ : ଆପଣ ଆଗରୁ କେଉଁଠି ଥିଲେ?

ଅଜିତ୍ : ମୁଁ ଦିଲ୍ଲୀରେ ଥିଲି।

ତାରକ :ସେଠି ଆପଣ କ'ଣ କରୁଥିଲେ

भाड़े का घर ढूँढ़ रहा था

तारक : क्या आप कल गोपबंधु चौराहे की तरफ जा रहे थे?

अजित : हाँ, जा रहा था।

तारक : क्या घूमने के लिए जा रहे थे?

अजित : नहीं, मैं घूमने के लिए नहीं जा रहा था।

तारक : तब क्या कुछ काम था ?

अजित : हाँ, घर ढूँढ़ रहा था। पिछले महीने मेरा भुवनेश्वर में तबादला हो गया। अब तो यहाँ कम से कम तीन वर्षों तक रहना पड़ेगा। एक किराये का मकान ढूँढ़ना निहायत (अति) आवश्यक है।

तारक : आप पहले कहाँ थे ?

अजित : मैं दिल्ली में था।

तारक : वहाँ आप क्या करते थे।

अजित : वहाँ मैं कंप्यूटर इंजीनियर था। शोध कार्य भी कर रहा था। मेरी पत्नी वहाँ कंप्यूटर विज्ञान पढ़ रही थी।

?

ଅଜିତ୍ : ସେଠି ମୁଁ କମ୍ପ୍ୟୁଟର ଇଞ୍ଜିନିୟର ଥିଲି । ଗବେଷଣା ମଧ୍ୟ କରୁଥିଲି । ମୋ ସ୍ତ୍ରୀ ସେଠାରେ କମ୍ପ୍ୟୁଟର ବିଜ୍ଞାନ ପଢୁଥିଲେ ।

ତାରକ : ଏବେ ଆପଣ ଏଠି କେଉଁ ଅଫିସରେ କାମ କରୁଛନ୍ତି?

ଅଜିତ୍ : ମୁଁ ଏନ୍.ଆଇ.ସି ରେ ବୈଜ୍ଞାନିକ ଅଛି ।

ତାରକ : ଆଚ୍ଛା, ଆପଣ ଯେଉଁ ପ୍ରକାରର ଘର ଖୋଜୁଥିଲେ ସେ ପ୍ରକାରର ଘର କ'ଣ ପାଇଲେ ?

ଅଜିତ୍ : ମୁଁ ତିନି ବଖୁରିଆ ଘରଟେ ଖୋଜୁଥିଲି । ହେଲେ ସେଠି ବଖୁରିଆ ଘର ହିଁ ମିଳୁଥିଲା । ଆଜି କାଲି ତ ଘରଟିଏ ସୁବିଧାରେ ମିଳୁନାହିଁ ।

ତାରକ : ସେ କଥା ତ ସତ ।

ଅଜିତ୍ : ଆପଣ ତ ଏ ଜାଗାରେ ପୁରୁଣା ଲୋକ । ମତେ ଘରଟିଏ ଖୋଜିବାରେ ସାହାଯ୍ୟ କରନ୍ତୁ ନା?

ତାରକ : ମୋ ବଡ଼ ବାପା ନୂଆ ଘରଟିଏ କରୁଥିଲେ । ସେ ଭଡ଼ାଟିଆ ମଧ୍ୟ ଖୋଜୁଥିଲେ । ସେହି ଘରେ

तारक : अब आप यहाँ कौन से ऑफ़िस में कार्य कर रहे हैं ?

अजित : मैं एन.आई.सी. में वैज्ञानिक हूँ।

तारक : अच्छा, आप जिस प्रकार का घर ढूँढ़ रहे थे, क्या उस प्रकार का घर मिला?

अजित : मैं तो एक तीन कमरे वाला घर ढूँढ़ रहा था । लेकिन वहाँ एक कमरे वाला घर ही मिल रहा था। आजकल तो एक अच्छा घर आसानी से नहीं मिलता।

तारक : वह तो सच है।

अजित : आप तो यहाँ के पुराने आदमी (काफ़ी समय से) हैं । मुझे घर ढूँढ़ने में मदद कीजिए न ?

तारक : मेरे ताऊ एक नया घर बना रहे थे । वे किरायेदार भी ढूँढ़ रहे थे । उस घर में तीन शयनकक्ष (सोने के कमरे), रसोई घर, स्नानगृह और भंडार-घर भी थे। पानी की टंकी भी बना रहे थे। क्या आपको उस में सुविधा रहेगी?

अजित : जी हाँ ! मुझे ऐसा घर बहुत पसंद

ତିନୋଟି ଶୋଇବା ଘର, ରନ୍ଧା ଘର, ଗାଧୁଆ ଘର ଓ ଭଣ୍ଡାର ଘର ମଧ୍ୟ ଥିଲା । ପାଣି ଟାଙ୍କି ମଧ୍ୟ କରୁଥିଲେ । ଆପଣଙ୍କର ସେଠାରେ ସୁବିଧା ହେବକି?

ଅଜିତ୍ : ହଁ ଆଜ୍ଞା, ଏହିପରି ଘର ମୋର ଖୁବ୍ ପସନ୍ଦ ।

ତାରକ : ତେବେ କାଲି ମଧ୍ୟାହ୍ନରେ ମୋ ସାଙ୍ଗେ ଚାଲନ୍ତୁ । ଘର ଦେଖିବା ।

ଅଜିତ୍ : ଆଚ୍ଛା ହଉ, ବହୁତ ଧନ୍ୟବାଦ ।

है।

तारक : तब आप कल दोपहर को मेरे साथ चलिए। घर देखेंगे।

अजित : अच्छा जी, बहुत धन्यवाद।

शब्दार्थ

ओड़िआ शब्द	हिंदी अर्थ
ଗୋପବନ୍ଧୁ ଚୁକ	गोपबंधु छक (एक चौक का नाम)
ବୁଲିବାକୁ	घूमने के लिए
ଖୋଜୁଥିଲି	ढूँढ़ रहा था
ତିନିବର୍ଷ	तीन साल
ଅତି କମରେ	कम से कम
ଗବେଷଣା	शोध, गवेषणा
ଯେଉଁ ପ୍ରକାର	जिस प्रकार
ସେ ପ୍ରକାର	उस प्रकार
ବଖୁରିଆ	कमरे वाला
ଜାଗା	जगह
ପୁରୁଣା	पुराना
ବଡ଼ବାପା	ताऊ, (पिता का बड़ा भाई)
ଭଡ଼ାଟିଆ	किरायेदार

ଶୋଇବା ଘର	**शयन कक्ष**
ରନ୍ଧା ଘର	**रसोई घर**
ଗାଧୁଆ ଘର	**स्नानगृह या नहाने का कमरा**
ଭଣ୍ଡାର ଘର	**भंडारघर**
ପାଣିଟାଙ୍କି	**पानी की टंकी**
ପସନ୍ଦ	**पसंद करना**
ମଧ୍ୟାହ୍ନ	**मध्याह्न, दोपहर**

अभ्यास

I. नीचे दिए गए वाक्य दोहराइए।

1) ଆପଣ ଗୋପବନ୍ଧୁ ଛକ ଆଡ଼େ ଯାଉଥିଲେ କି ?

2) ନାଇଁ, ବୁଲିବାକୁ ଯାଉ ନଥିଲି।

3) ଘରଟିଏ ଖୋଜୁଥିଲି।

4) ସେଠି ଆପଣ କ'ଣ କରୁଥିଲେ ?

5) ସେଠି ମୁଁ କମ୍ପ୍ୟୁଟର ଇଞ୍ଜିନିୟର ଥିଲି।

6) ମୋ ସ୍ତ୍ରୀ କମ୍ପ୍ୟୁଟର ବିଜ୍ଞାନ ପଢୁଥିଲେ।

7) ଆପଣ ଯେଉଁ ପ୍ରକାରର ଘର ଖୋଜୁଥିଲେ, ସେ ପ୍ରକାରର ଘର କ'ଣ ପାଇଲେ ?

II. नीचे दिए गए वाक्यों में रेखांकित शब्दों के स्थान पर दिए गए शब्दों का प्रयोग कर वाक्य बनाइए।

1) ଉଦାହରଣ :- ମୁଁ ଘରଟିଏ ଖୋଜୁଥିଲି। 2) ମୁଁ ବହିଟିଏ ଖୋଜୁଥିଲି।

ବହିଟିଏ	ଲେଖୁଥିଲି
ଉପନ୍ୟାସଟିଏ	ପଢୁଥିଲି
ମନ୍ଦିରଟିଏ	ଆଣୁଥିଲି
ବିଦ୍ୟାଳୟଟିଏ	ଦେଉଥିଲି
ଅଫିସ୍‌ଟିଏ	ନେଉଥିଲି

3) ମୋ ବଡ଼ବାପା ନୂଆ ଘରଟିଏ କରୁଥିଲେ । 4) ସେ ଭଡ଼ାଟିଆ

ଖୋଜୁଥିଲେ ।

ବାପା	ପିଲାମାନଙ୍କୁ
ଜେଜେ ବାପା	ଆମକୁ
ଦଦେଇ	କଲମ
କକା	ପାଠ୍ୟପୁସ୍ତକ
ମାମୁଁ	ମତେ

5) ଆପଣ ଚୁକଆଡ଼େ ଯାଉଥିଲେ କି ?

6) ନାଇଁ ମୁଁ ବୁଲିବାକୁ ଯାଉ ନଥିଲି ।

ଘରଆଡ଼େ	ଖେଳିବାକୁ
ବଜାରଆଡ଼େ	କହିବାକୁ
ସ୍କୁଲଆଡ଼େ	କରିବାକୁ
ସେ ଆଡ଼େ	ଦେବାକୁ
ଏଆଡ଼େ	ରାନ୍ଧିବାକୁ

7) ଆପଣ ଯେଉଁ ପ୍ରକାରର ଘର ଖୋଜୁଥିଲେ ସେ ପ୍ରକାରର ଘର କ'ଣ ପାଇଲେ ?

ବର
ଲୋକ
ଶାଢ଼ୀ
ଗହଣା
ମିଠା

III. उदाहरण के अनुसार कोष्ठक में दिए गए शब्दों का प्रयोग कर वाक्य बनाइए।

उदाहरण :-

1) ମୋ ସ୍ତ୍ରୀ ପଢୁଥିଲେ । (କମ୍ପ୍ୟୁଟର ବିଜ୍ଞାନ)
ମୋ ସ୍ତ୍ରୀ କମ୍ପ୍ୟୁଟର ବିଜ୍ଞାନ ପଢୁଥିଲେ ।

2) ମୁଁ ଖୋଜୁଥିଲି (ଘରଟିଏ) ।
ମୁଁ ଘରଟିଏ ଖୋଜୁଥିଲି ।

1. ମୁଁ ପଢୁଥିଲି । (ଗପବହି)

ସେମାନେ ପଢୁଥିଲେ। (କବିତା ବହି)
ତୁ ପଢୁଥିଲୁ। (ଜ୍ୟାମିତି ବହି)
ତୁମେ ପଢୁଥିଲ। (ଉପନ୍ୟାସ)
ଆପଣ ପଢୁଥିଲେ। (ନାଟକ)

2. ମୁଁ ପଢୁଥିଲି। (ନାଟକଟିଏ)
ମୁଁ ଖାଉଥିଲି। (ମିଠାଟିଏ)
ମୁଁ ଦେଖୁଥିଲି। (ସିନେମାଟିଏ)
ମୁଁ ଗାଉଥିଲି। (ଓଡ଼ିଶୀ ଗୀତଟିଏ)
ମୁଁ କିଣୁଥିଲି। (କଲମଟିଏ)

IV. कोष्ठक में दिए गए शब्दों में से उपयुक्त शब्द चुनकर वाक्य पूरे कीजिए।

(ବଦଳି, ଭଡ଼ା, ଆଜିକାଲି, ଗବେଷଣା, ଭଡ଼ାଟିଆ)

1. ମୁଁ ___ ଘରଟିଏ ଖୋଜୁଥିଲି।
2. ଗଲା ମାସରେ ମୋର _____ ହୋଇଗଲା।
3. ମୁଁ _____ କରୁଥିଲି।
4. ସେ _____ ଖୋଜୁଥିଲେ।
5. ଭଲ ଘରଟିଏ _____ ସୁବିଧାରେ ମିଳୁନାହିଁ।

V. कोष्ठक में दी गई क्रियाओं के उपयुक्त रूपों का प्रयोग कर वाक्य पूरे कीजिए।

1. ଆପଣ କ'ଣ ଗତ କାଲି ବୁଲିବାକୁ ___ ? (ଯିବା)
2. ତୁମେ କଟକରେ ଗତ ବର୍ଷ _____ । (ପଢ଼ିବା)
3. ଏବେ ଏଠି _____ ପଡ଼ିବ। (ରହିବା)
4. ଆପଣ ଘର ପସନ୍ଦ _____ କି ? (କରିବା)
5. ମତେ ଘରଟିଏ ଖୋଜିବାରେ _____ ନା ? (ସାହାଯ୍ୟ କରିବା)

VI. कोष्ठक में दिए गए हिंदी शब्दों के समानार्थक ओड़िआ शब्दों का प्रयोग कर वाक्य पूरे कीजिए।

1. ଆପଣତ ଏ _____ ରେ ନୂଆ ଲୋକ। **(स्थान)**
2. ମତେ ଘର ଖୋଜିବାରେ _____ କରନ୍ତୁନା **(मदद)**
3. ମୋ _____ ନୂଆ ଘରଟିଏ କରୁଥିଲେ। **(ताऊ)**

4. ସେହି ଘରେ ଗୋଟିଏ _____ ଅଛି । **(शयन कक्ष)**

5. କାଲି _____ ରେ ମୋ ସାଙ୍ଗେ ଚାଲନ୍ତୁ । **(दोपहर)**

VII. **पाठ के अनुसार (क) और (ख) वर्गों के शब्दों का सही मिलान कीजिए।**

'क'	'ख'
ପୁରୁଣା	ବଖୁରିଆ
ଗୋପବନ୍ଧୁ	ଟାଙ୍କି
ଗାଧୁଆ	ଚୁକ
ତିନି	ଘର
ପାଣି	ଲୋକ

VIII. **कोष्ठक में दी गई क्रियाओं में से उपयुक्त क्रिया चुनकर वाक्यों का विस्तार किजिए।**

1. ସେ ଗବେଷଣା _____ । (ପଢ଼ିଥିଲେ, କରୁଥିଲେ)
2. ମୁଁ କମ୍ପ୍ୟୁଟର ବିଜ୍ଞାନ _____ । (ପଢୁଥିଲି, ଦେଖୁଥିଲି)
3. ସେମାନେ ସ୍କୁଲକୁ _____ । (ଚାଲୁଥିଲେ, ଯାଉଥିଲେ)
4. ତୁ ଘରଟିଏ _____ । (ମିଳୁଥିଲୁ, ଖୋଜୁଥିଲୁ)
5. ମୋତେ ସାହାଯ୍ୟ _____ । (ନିଅନ୍ତୁ, କରନ୍ତୁ)

IX. **उदाहरण के अनुसार दिए गए शब्दों का प्रयोग कर वाक्यों का विस्तार कीजिए।**

उदाहरण:- ତୁମେ ଗାଉଥିଲେ । (ଗୀତ)
ତୁମେ ଗୀତ ଗାଉଥିଲ ।

1. ଆପଣ ପଢୁଥିଲେ । (ବହି)
2. ସେମାନେ ଲେଖୁଥିଲେ । (କବିତା)
3. ଆମେମାନେ ଯାଉଥିଲୁ । (ବୁଲିବାକୁ)
4. ତୁମେ ସାହାଯ୍ୟ କରୁଥିଲେ । (ଗରିବ ଛାତ୍ରମାନଙ୍କୁ)
5. ମୋ ବଡ଼ ବାପା କରୁଥିଲେ । (ନୂଆ ଘରଟିଏ)

पढ़िए और समझिए

ଉତ୍କଳ ମଣି

उत्कळ मणि

ଗୋପବନ୍ଧୁ ଦାସଙ୍କୁ ଉତ୍କଳ ମଣି କୁହାଯାଏ । ସେ ଜଣେ ଦେଶ ସେବକ ଥିଲେ । ସେ ବନ୍ୟା ଓ ବାତ୍ୟା ସମୟରେ ପୀଡ଼ିତ ଲୋକମାନଙ୍କର ସେବା କରୁଥିଲେ । ସେମାନଙ୍କୁ ଗୋପବନ୍ଧୁ ଖାଦ୍ୟ ଓ ବସ୍ତ୍ର ବାଣ୍ଟୁଥିଲେ । ସେ ଗରିବ ଛାତ୍ରମାନଙ୍କୁ ବହୁତ ସାହାଯ୍ୟ କରୁଥିଲେ । ଗୋପବନ୍ଧୁ ସାକ୍ଷୀଗୋପାଳ ଠାରେ 'ସତ୍ୟବାଦୀ ବନବିଦ୍ୟାଳୟ' ସ୍ଥାପନ କରିଥିଲେ । ସେଠି ଛାତ୍ରମାନଙ୍କୁ ଦେଶପ୍ରେମ, ସତ୍ୟ ଓ ଅହିଂସା ଶିକ୍ଷା ଦେଉଥିଲେ । ଗୋପବନ୍ଧୁ ଜଣେ କବି ମଧ୍ୟ ଥିଲେ । ସେ ଦେଶ ପ୍ରେମ ମୂଳକ କବିତା ଲେଖିଥିଲେ । ତାଙ୍କ କବିତାର କେତୋଟି ଧାଡ଼ି ଦିଆଗଲା ।

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ ପଥେ ଯେତେ ଗାଡ଼
ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼ ।"

शब्दार्थ

ओड़िआ शब्द	हिंदी अर्थ
ଉତ୍କଳ ମଣି	**उत्कल मणि**
ଜଣେ	**एक**
ଦେଶ ସେବକ	**देश सेवक**
ବନ୍ୟା	**बाढ़**
ବାତ୍ୟା	**आँधी / तूफ़ान**
ପୀଡ଼ିତ	**पीड़ित**
ସେବା	**सेवा**
ଖାଦ୍ୟ	**ख़ाने की चीज़ें / खाद्य**
ବସ୍ତ୍ର	**कपड़ा**
ଗରିବ	**गरीब**
ଦେଶପ୍ରେମ	**देश भक्ति**
ସତ୍ୟ	**सत्य**
ଅହିଂସା	**अहिंसा**

ଶିକ୍ଷା	**शिक्षा**
କବି	**कवि**
ଦେଶପ୍ରେମମୂଳକ	**देशप्रेम पूर्ण**
କେତୋଟି	**कुछ**
ଧାଡ଼ି	**पंक्ति / पंक्तियाँ**

अभ्यास

I. **पाठ के अनुसार नीचे दिए गए प्रश्नों के उत्तर दीजिए।**

1. ଗୋପବନ୍ଧୁଙ୍କୁ କ'ଣ କୁହାଯାଏ ?
2. ସେ କାହାର ସେବା କରୁଥିଲେ ?
3. ଗୋପବନ୍ଧୁ କାହାକୁ ବହୁତ ସାହାଯ୍ୟ କରୁଥିଲେ ?
4. ସେ ସତ୍ୟବାଦୀ ବନ ବିଦ୍ୟାଳୟ କେଉଁଠି ସ୍ଥାପନ କଲେ ?
5. ସେ ଛାତ୍ର ମାନଙ୍କୁ କ'ଣ ଶିକ୍ଷା ଦେଉଥିଲେ ?
6. ଗୋପବନ୍ଧୁ କି ପ୍ରକାର କବିତା ଲେଖୁଥିଲେ ?

II. **परिच्छेद के अनुसार (क) और (ख) में दिए गए वाक्य खण्डों का सही मिलान कर पूरे वाक्य बनाइए।**

'क'	'ख'
ଗୋପବନ୍ଧୁ ଦାସଙ୍କୁ	ବହୁତ ସାହାଯ୍ୟ କରୁଥିଲେ।
ସେ ଗରିବ ଛାତ୍ରମାନଙ୍କୁ	ଉତ୍କଳ ମଣି କୁହାଯାଏ।
ସେ ଦେଶପ୍ରେମ ମୂଳକ	ଶିକ୍ଷା ଦେଉଥିଲେ।
ଗୋପବନ୍ଧୁ ସତ୍ୟବାଦୀ ବନବିଦ୍ୟାଳୟ	କବିତା ଲେଖୁଥିଲେ।
ସେ ଛାତ୍ରମାନଙ୍କୁ ଦେଶପ୍ରେମ	ସ୍ଥାପନ କଲେ।

III. **हिंदी में अनुवाद कीजिए।**

ବର୍ଷକ ତଳେ ଆମେମାନେ କଟକରେ ଥିଲୁ ପ୍ରତ୍ୟେକଦିନ ଚଣ୍ଡୀ ମନ୍ଦିରକୁ ଯାଉଥିଲୁ।

ସକାଳେ ପୂଜା କରୁଥିଲୁ। ପ୍ରତ୍ୟେକଦିନ ମା' ଚଣ୍ଡୀଙ୍କୁ ପୂଜକମାନେ ଭିନ୍ନ ଭିନ୍ନ ବେଶରେ ସଜ୍ଜିତ କରୁଥିଲେ। ସେଠାରେ ବିଭିନ୍ନ ପ୍ରକାରର ଭୋଗରାଗ କିଣିବାକୁ ମିଳୁଥିଲା। ଯଥା:- ଉଖୁଡ଼ା, ଖଇ, କଦଳୀ, ଘିଅ, ଦୀପ ଇତ୍ୟାଦି। ଏସବୁ ଆମେ କିଣି ପୂଜା କରୁଥିଲୁ। ସେଇ ଭୋଗଗୁଡ଼ିକ ନେଇ ପୂଜକ ଚଣ୍ଡୀଙ୍କ ପାଖରେ ନୈବେଦ୍ୟ କରୁଥିଲେ। ମନ୍ଦିର ସାମନାରେ ଭିକାରୀମାନେ ଭିକ ମାଗୁଥିଲେ। ମୁଁ ମଧ୍ୟ ସମସ୍ତଙ୍କୁ ଟଙ୍କାଏ ଟଙ୍କାଏ ଦେଉଥିଲି। ତା' ପରେ ଆମେମାନେ ଘରକୁ ଫେରିଆସୁଥିଲୁ। ବହୁତ ଭଲ ଲାଗୁଥିଲା।

IV. **ओड़िआ में अनुवाद कीजिए।**

मैं भुवनेश्वर गया। शहर सुंदर है। मंद वायु चल रही थी। पेड़ों की टहनियाँ हिल रही थीं। वहाँ बड़े सुंदर भवन थे। मैं एक होटल में ठहरी। बाज़ारों में भीड़ थी। कोई आ रहा था। कोई जा रहा था। भुवनेश्वर नगर में घूमने के लिए मुझे बहुत इच्छा हो रही थी। मुझे वहाँ के लोग बहुत अच्छे लगे। उन में कुछ लोग मेरे मित्र बन गए। वे भी मुझे बहुत पसंद करते थे। सबके साथ मिल रही थी। एक दिन हम सब सिनेमा, संग्रहालय, नंदनकानन, प्लानेटोरियम आदि गए। शामको लिंगराज और राममंदिर भी गए। तब बहुत आनंद लग रहा था। हम सब तालाब में स्नान भी किए। नहाने के बाद बहुत ठंड लगा। वहाँ के लोग कई तरह की चीज़ें बेच रहे थे। अपने अपने घर से हमारे मित्र खाना भी लाए। हम सब खाना खाए। एक साथ खाने में और रहने में बहुत मजा आया।

V. **आप के घर के बारे में ओड़िआ में एक छोटा-सा अनुच्छेद लिखिए।**

टिप्पणियाँ

I. **इस पाठ में दो प्रकार के वाक्यों का प्रयोग हुआ है ।**

1. ମୋ ସ୍ତ୍ରୀ ସେଠାରେ କମ୍ପ୍ୟୁଟର ପଢୁଥିଲେ। **मेरी पत्नी वहाँपर कंप्युटर पढ़रहेथे।**
   मो स्त्री सेठारे कंप्युटर पढुथिले।
2. ଆପଣ କାଲି ଗୋପବନ୍ଧୁ ଚୁକ ଆଡ଼େ ଯାଉଥିଲେ କି ? **आप काल गोपबंधु चौक कि और जा रही थी ?**
   आपण कालि गोपवन्धु छक आड़े जाउथिले कि ?
3. ନାଇଁ ମୁଁ ବୁଲିବାକୁ ଯାଉନଥିଲି। **नहीं मैं घुमने नहीं जा रहा था।**
   नाइँ मुँ बुलिवाकु जाउनथिलि।

वाक्य (1) में ओड़िआ के अपूर्ण भूत काल क्रिया का प्रयोग हुआ है।

ओड़िआ में अपूर्ण भूत काल में मूल क्रिया के साथ '-ଉ' (-उ) प्रत्यय जोड़ा जाता है

और पुरूष तथा वचन के अनुसार '-ଥିଲି' (-थिलि), '-ଥିଲୁ' (-थिलु), '-ଥିଲେ' (-थिले) सहायक क्रियाओं का प्रयोग होता है ।

उत्तम पुरुष

एकवचन	ମୁଁ ପଢୁଥିଲି।	मैं पढ़ रहा था/ रही थी।
	मुँ पढुथिलि।	
बहुवचन	ଆମେମାନେ/ ଆମ୍ଭେମାନେ ପଢୁଥିଲୁ।	हम (लोग) पढ़ रहे थे/रही थीं।
	आमेमाने / आम्भेमाने पढुथिलु।	

मध्यम पुरुष

एकवचन	ତୁ ପଢୁଥିଲୁ।	तू पढ़ रहा था / तु पढ़ रही थी।
	तु पढुथिलु।	
बहुवचन	ତୁମେମାନେ/ ତୁମ୍ଭେମାନେ ପଢୁଥିଲ।	तुम (लोग) पढ़ रहे थे/रही थीं।
	तुमेमाने / तुम्भेमाने पढुथिल।	
एकवचन	ଆପଣ ପଢୁଥିଲେ।	आप पढ़ रहे थे/रही थीं।
	आपण पढुथिले।	
बहुवचन	ଆପଣମାନେ ପଢୁଥିଲେ।	आप (लोग) पढ़ रहे थे/रही थीं।
	आपणमाने पढुथिले।	

अन्य पुरुष

एकवचन	ସେ ପଢୁଥିଲା।	वह पढ़ रहा था/वह पढ़ रही थी।
	से पढुथिला।	
बहुवचन	ସେମାନେ ପଢୁଥଲେ।	वे (लोग) पढ़ रहे थे/रही थीं।
	सेमाने पढुथिले।	

उपर्युक्त वाक्यों की क्रियाओं से सातत्यता और अभ्यास का बोध होता है ।

वाक्य (2) और (3) में सातत्य भूतकाल की क्रिया के प्रश्नवाचक और निषेधवाचक रूप हैं।